# NATIONAL NEWS BULLETIN (ODIA)

## 24 April - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ବାର୍ତ୍ତୁମାଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଛନ୍ତି ।
- ବିହାରରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପ୍ରଚାରର ଶେଷ ଦିନରେ ୫ଟି ସଂସଦୀୟ କ୍ଷେତ୍ରରେ ଏନ୍‌ଡିଏ ଓ ମହାମେଣ୍ଟର ବରିଷ୍ଠ ନେତାମାନେ ବିଭିନ୍ନ ସ୍ଥାନରେ ସାଧାରଣ ସଭାମାନ କରିଛନ୍ତି ।
- ଦୁବାଇରେ ବିଶ୍ୱସ୍ତରୀୟ ରିଟେଲ ଶିଖର ସମ୍ମିଳନୀ-୨୦୨୪ ଆରମ୍ଭ ହୋଇଛି ।
- ଜମ୍ମୁ-କଶ୍ମୀରର ରାଜୌରୀ ଜିଲ୍ଲାରେ ଆତଙ୍କବାଦୀଙ୍କ ଦ୍ୱାରା ଜଣେ ସାଧାରଣ ନାଗରିକଙ୍କୁ ହତ୍ୟା ଘଟଣାରେ ୬୭ ଜଣ ସନ୍ଦିଗ୍ଧଙ୍କୁ ପୁଲିସ ଅଟକ ରଖିଛି ।

ଏବଂ

- ସାଂଘାଇ ଠାରେ ଅନୁଷ୍ଠିତ ହେଉଥିବା ପ୍ରଥମ ପର୍ଯ୍ୟାୟ ବିଶ୍ୱକପ୍ ତୀରଚାଳନା ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଓ ମହିଳା କମ୍ପାଉଣ୍ଡ ଦଳ ଫାଇନାଲରେ ପ୍ରବେଶ କରିଛନ୍ତି।

## ଏମ୍‌ପି-ପିଏମ୍-ଭିଜିଟ୍

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶ ହେଉ ଅବା ମଧ୍ୟପ୍ରଦେଶ, ବିକାଶ ସେତେବେଳେ ହୋଇଥିଲା ଯେତେବେଳେ କଂଗ୍ରେସ କ୍ଷମତାରୁ ଯାଇ ବିଜେପି ସରକାର କ୍ଷମତାକୁ ଆସିଲା । ସାଗରର ବାର୍ତ୍ତୁମାଠାରେ ଏକ ସମାବେଶକୁ ସମ୍ବୋଧିତ କରି ସେ ଏହା କହିଛନ୍ତି। ସଠିକ୍ ନୀତି ଓ ଦୃଷ୍ଟିକୋଣ ରହିଲେ ବିକାଶ ହୋଇଥାଏ ବୋଲି ସେ କହିଛନ୍ତି।

କଂଗ୍ରେସ ଶାସନ ସମୟରେ ମଧ୍ୟପ୍ରଦେଶ ଏକ ପଛୁଆ ରାଜ୍ୟ ଭାବେ ପରିଚିତ ଥିଲା ବୋଲି ଶ୍ରୀ ମୋଦୀ ମନେ ପକାଇ ଦେଇଥିଲେ। ସେ କହିଛନ୍ତି, ଆଜି ସେହି ମଧ୍ୟପ୍ରଦେଶ ବିଜେପି ଶାସନ ସମୟରେ ବିକାଶର ନୂଆ ଶିଖରରେ ପହଞ୍ଚିଛି । ରାଜ୍ୟରେ ଐତିହାସିକ କେନ୍-ବେତୱା ଲିଙ୍କ୍ ପ୍ରକଳ୍ପ ଆରମ୍ଭ ହୋଇସାରିଛି। ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟରେ ଉଚ୍ଚକୋଟୀର ଜାତୀୟ ରାଜପଥର ଏକ ସମ୍ପୂର୍ଣ୍ଣ ନେଟୱାର୍କ ନିର୍ମାଣ

କରାଯାଉଛି। ନର୍ମଦା ପ୍ରଗତି ପଥ ହେଉ କି ବିନ୍ଧ୍ୟା ପ୍ରଗତି ପଥ, ମାଲୱା-ନିଓ୍ୱାର, ମଧ୍ୟ ଭାରତ ହେଉ କିମ୍ବା ବୁନ୍ଦେଲଖଣ୍ଡ ପ୍ରଗତି ପଥ ହେଉ, ଏହି ଏକ୍ସପ୍ରେସୱେ ନୂଆ ମଧ୍ୟପ୍ରଦେଶର ପରିଚୟ ପାଲଟିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଧର୍ମ ଆଧାରିତ ସଂରକ୍ଷଣକୁ ବିରୋଧ କରି ଶ୍ରୀ ମୋଦୀ କହିଛନ୍ତି, ଆମ ସମ୍ବିଧାନ ନିଷେଧ କରିଛି ଯେ କାହାକୁ ଧର୍ମ ଆଧାରରେ ସଂରକ୍ଷଣ ଦିଆଯିବ ନାହିଁ। ବାବା ସାହେବ ଆମ୍ବେଦକର ନିଜେ ଧର୍ମ ଆଧାରିତ ସଂରକ୍ଷଣ ବିରୋଧୀ ଥିଲେ କିନ୍ତୁ କଂଗ୍ରେସ ବହୁ ବର୍ଷ ତଳୁ ଧର୍ମ ଆଧାରିତ ସଂରକ୍ଷଣର ଧାରା ଆରମ୍ଭ କରିଥିଲା। ୨୦୦୯ ନିର୍ବାଚନ ହେଉ କି ୨୦୧୪ ନିର୍ବାଚନ, କଂଗ୍ରେସ ନିଜର ଇସ୍ତାହାରରେ ଧର୍ମ ନାମରେ ସଂରକ୍ଷଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଏସ୍‌ସି-ଏସ୍‌ଟି ଓ ଓବିସିର ୧୫ ପ୍ରତିଶତ ସଂରକ୍ଷଣ କାଟି ଧର୍ମ ଆଧାରରେ ସଂରକ୍ଷଣ ଦେବାକୁ କଂଗ୍ରେସ ପ୍ରସ୍ତୁତି ଚଳାଇଛି। ସାଗରଙ୍କ ପରେ ମୋଦି ବେତୁଲ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହରଦା ଜିଲ୍ଲାର ଆବାଗାଁ ଖୋର୍ଦରେ ଏକ ସାଧାରଣ ସଭା କରିବେ। ଏହାପରେ ସନ୍ଧ୍ୟାରେ ରାଜଧାନୀ ଭୋପାଳରେ ଏକ ରୋଡ୍ ସୋ’ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ବିହାର କ୍ୟାମ୍ପେନିଂ

ବିହାରରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପ୍ରଚାରର ଶେଷ ଦିନରେ ୫ଟି ସଂସଦୀୟ କ୍ଷେତ୍ରରେ ଏନ୍‌ଡିଏ ଓ ମହାମେଣ୍ଟର ବରିଷ୍ଠ ନେତାମାନେ ବିଭିନ୍ନ ସ୍ଥାନରେ ସାଧାରଣ ସଭାମାନ କରିଛନ୍ତି। ବିଜେପି ଅଧ୍ୟକ୍ଷ ଜେ.ପି ନଡ୍ଡା ଭାଗଲପୁରରେ ଜେଡିୟୁ ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି। ଶ୍ରୀ ନଡ୍ଡା କହିଛନ୍ତି, ଆଇଏନ୍‌ଆଇ-ଆଲାଏନ୍ସ ଅଧୀନରେ ଏକାଠି ହୋଇଥିବା ସମସ୍ତ ବିରୋଧୀ ଦଳ ଦୁର୍ନୀତି ଅଭିଯୋଗରେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଭୟ କରୁଛନ୍ତି। ଶ୍ରୀ ନଡ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜନୀତିକୁ ନେଇ ଜନସାଧାରଣଙ୍କ ଉପରେ ଆସ୍ଥା ପ୍ରକଟ କରି ଦେଶର ଛବିକୁ ବଦଳାଇଛନ୍ତି। ବିଜେପି ଅଧ୍ୟକ୍ଷ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ପ୍ରତିଶ୍ରୁତିବଦ୍ଧ । ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ବିଜେପି, ଜେଡିୟୁ, ଲୋକ ଜନ ଶକ୍ତି ପାର୍ଟି (ରାମବିଳାସ) ଏବଂ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚାର ଅନ୍ୟ ନେତାମାନେ ମଧ୍ୟ ରୋଡ୍ ସୋ ଏବଂ ଜନସଭାର ଆୟୋଜନ କରୁଛନ୍ତି।

ଅପରପକ୍ଷରେ ମହାମେଣ୍ଟରେ ଆର୍‌ଜେଡି, କଂଗ୍ରେସ, ବିକାଶ ଶୀଲ ଇନସାନ୍‌୧ ପାର୍ଟି ଏବଂ ବାମପନ୍ଥୀ ଦଳର ନେତାମାନେ ମଧ୍ୟ ନିଜ ପ୍ରାର୍ଥୀଙ୍କୁ

ସମର୍ଥନ କରିବା ପାଇଁ ପ୍ରଚାର କରୁଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଭାଗଲପୁର, କଟିହାର, ବାଙ୍କା, କିଶନଗଞ୍ଜ ଓ ପୂର୍ଣ୍ଣିଆ ଲୋକସଭା ଆସନ ପାଇଁ ଆସନ୍ତା ଶୁକ୍ରବାର ମତଦାନ ହେବ।

## ରାହୁଲ ଗାନ୍ଧୀ- ଅମରାବତୀ ର୍ୟାଲି

ମହାରାଷ୍ଟ୍ରର ଅମରାବତୀ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପରତୱାଡା ବ୍ଲକରେ ପ୍ରଚାର କରି କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି, ଭାରତରେ ବେକାରୀ ସମସ୍ୟା ଚରମ ସୀମାରେ ପହଞ୍ଚିଛି ଏବଂ ଯୁବକମାନେ ନିଯୁକ୍ତି ସୁଯୋଗ ପାଇବା ପାଇଁ ସଂଘର୍ଷ କରୁଛନ୍ତି। ସେଠାରେ ଆଜି ଶ୍ରୀ ଗାନ୍ଧୀ କଂଗ୍ରେସ ପ୍ରାର୍ଥୀ ବଲୱନ୍ତ ୱାଙ୍ଖଡେଙ୍କ ସପକ୍ଷରେ ଏକ ନିର୍ବାଚନୀ ପ୍ରଚାର ର୍ୟାଲିକୁ ସମ୍ବୋଧିତ କରି ଏହା କହିଛନ୍ତି। ସେ କହିଛନ୍ତି, ଯଦି ଇଣ୍ଡିଆ ମେଣ୍ଟ କ୍ଷମତାକୁ ଆସେ ତେବେ ସ୍ନାତକ ଏବଂ ଡିପ୍ଲୋମା ଡିଗ୍ରୀଧାରୀ ଛାତ୍ରଛାତ୍ରୀଙ୍କୁ ସରକାରୀ, ବେସରକାରୀ ଏବଂ ସରକାରୀ ଉଦ୍ୟୋଗରେ ସେମାନଙ୍କୁ ଦକ୍ଷତା ଅନୁଯାୟୀ ନିଯୁକ୍ତି ପ୍ରଦାନ କରିବ। ସେମାନଙ୍କ ବ୍ୟାଙ୍କ ଜମାଖାତାରେ ବାର୍ଷିକ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅର୍ଥନୈତିକ ନୀତିକୁ ସମାଲୋଚନା କରି ଶ୍ରୀ ଗାନ୍ଧୀ କହିଛନ୍ତି, ଇଣ୍ଡିଆ ମେଣ୍ଟ କ୍ଷମତାକୁ ଆସିବା ପରେ ଗରିବ କୃଷକଙ୍କ ଋଣ ଛାଡ କରାଯିବ।

ଅନ୍ୟପକ୍ଷରେ ଭାରତୀୟ ଜନତା ପାର୍ଟି ଏହି ଆସନରୁ ବର୍ତ୍ତମାନର ସାଂସଦ ନବନୀତ ରାଣାଙ୍କୁ ପ୍ରାର୍ଥୀ କରିଛି । ଆସନ୍ତା ଶୁକ୍ରବାର ଅମରାବତୀ ଲୋକସଭା ନିର୍ବାଚନ ମଣ୍ଡଳୀରେ ୩୭ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି ।

## ଆଗ୍ରା କନଷ୍ଟିଚ୍ୟୁସେନ ସିଡ୍ୟୁଲ୍ଡ

ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶର ଆଗ୍ରା ଆସନ ସମେତ ୧୦ଟି ଆସନ ପାଇଁ ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି । ଏହି ଆସନରୁ ବିଜେପି ପୁଣି ଥରେ ସାଂସଦ ଏସ୍.ପି ସିଂ ବାଘେଲଙ୍କୁ ପ୍ରାର୍ଥୀ କରିଛି । ବହୁଜନ ସମାଜ ପାର୍ଟି’ କଂଗ୍ରେସ ନେତା ସତ୍ୟ ବେହନଙ୍କ ଝିଅ ପୂଜା ଅମରୋହିଙ୍କୁ ପ୍ରାର୍ଥୀ କରିଥିବା ବେଳେ ସମାଜବାଦୀ ପାର୍ଟି ସୁରେଶ ଚାନ୍ଦ କରଦମଙ୍କୁ ଟିକେଟ ଦେଇଛି । ଏମାନଙ୍କ ବ୍ୟତୀତ ଅନ୍ୟ ୮ ଜଣ ପ୍ରାର୍ଥୀ ମଧ୍ୟ ନିର୍ବାଚନ ଲଢୁଛନ୍ତି ।

ଆଗ୍ରା ଲୋକସଭା ଆସନ ଅଧୀନରେ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି । ଏହି ଆସନରେ ସମୁଦାୟ ୧୭ ଲକ୍ଷ ୫୭ ହଜାର ଓ ୪୬ ଜଣ ମତଦାତା ଅଛନ୍ତି । ସେଥିମଧ୍ୟରୁ ୯ ଲକ୍ଷ ୮୫ ହଜାର ୧୦୫ ଜଣ ପୁରୁଷ ମତଦାତା ଥିବାବେଳେ ୮ ଲକ୍ଷ ୬୮ ହଜାର ୩୭ ଜଣ ମହିଳା ମତଦାତା ଓ ୯୮ ଜଣ ଅନ୍ୟ ବର୍ଗର ମତଦାତା ରହିଛନ୍ତି । ସେମାନଙ୍କ

ମଧ୍ୟରୁ ୧୮ରୁ ୧୯ ବର୍ଷ ବୟସର ମତଦାତାଙ୍କ ସଂଖ୍ୟା ୨୧ ହଜାର ୩୪୩ ରହିଛି ।

## ଦୁବାଇ-ଟିଆର୍‌ଏସ୍

ଦୁବାଇରେ ବିଶ୍ୱସ୍ତରୀୟ ରିଟେଲ ଶିଖର ସମ୍ମିଳନୀ-୨୦୨୪ ଆରମ୍ଭ ହୋଇଛି । ରିଟେଲର ଭବିଷ୍ୟତକୁ ଦୃଷ୍ଟିରେ ରଖି ୮ଟି ପ୍ରମୁଖ ବିଷୟବସ୍ତୁ ନେଇ ଏହି ଶିଖର ସମ୍ମିଳନୀ ଅନୁଷ୍ଠିତ ହେଉଛି । ବିଶ୍ୱବ୍ୟାପୀ ଖୁଚୁରା ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଏବଂ ସୁଯୋଗର ମୁକାବିଲା କରିବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀର ଆୟୋଜନ ହେଉଛି । ଏହି ଶିଖର ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତା, ବ୍ରିକ୍ ଆଣ୍ଡ ମୋର୍ଟାର ଷ୍ଟୋର, ଡାଟା, ଡିଜିଟାଲ ରୂପାନ୍ତରୀକରଣ, ଅଣୁ-ଅର୍ଥନୀତି, ଯୋଗାଣ ଶୃଙ୍ଖଳ ପରିଚାଳନା, ସ୍ଥାୟୀତ୍ୱ, ନୈତିକତା ଏବଂ ପ୍ରତିଭା ଅନ୍ୱେଷଣ ଆଦି କ୍ଷେତ୍ରରେ ଏହି ବୈଠକରେ ଆଲୋଚନା ହେଉଛି । ଏହି ସମ୍ମିଳନୀରେ ୩୦ରୁ ଅଧିକ ଦେଶର ୯୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଛନ୍ତି ।

## ମୁମ୍ବାଇ-ଆର୍‌ବିଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କୋଟାକ ମହିନ୍ଦ୍ରା ବ୍ୟାଙ୍କକୁ ନୂତନ କ୍ରେଡିଟ୍ କାର୍ଡ ପ୍ରଦାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି । ଅନଲାଇନ୍ ଏବଂ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଚ୍ୟାନେଲ୍ ଜରିଆରେ ନୂଆ ଗ୍ରାହକଙ୍କୁ ପ୍ରଦାନ କରାଯାଉଥିବା ଏହି କ୍ରେଡିଟ୍ କାର୍ଡ ବିତରଣ ଉପରେ ଆର୍‌ବିଆଇ ତୁରନ୍ତ ପ୍ରତିବନ୍ଧକ ଲଗାଇବାକୁ ନିର୍ଦ୍ଦେଶ ଦେଇଛି । ରିଜର୍ଭ ବ୍ୟାଙ୍କର ସୂଚନା ଅନୁସାରେ, ୨୦୨୨ ଓ ୨୦୨୩ ବର୍ଷ ପାଇଁ କୋଟାକ ମହିନ୍ଦ୍ରା ବ୍ୟାଙ୍କର ଆୟକରକୁ ନେଇ ଉପୁଜିଥିବା ସମସ୍ୟାର ସମାଧାନ ନ କରିବାକୁ ନେଇ ଆର୍‌ବିଆଇ ଏହି ପଦକ୍ଷେପ ନେଇଛି ।

## ଜେକେ- ଏଲ୍‌ଇଟିଇ ଟେରରିଷ୍ଟ

ଜମ୍ମୁ-କଶ୍ମୀରର ରାଜୌରୀ ଜିଲ୍ଲାର ଏକ ଗ୍ରାମରେ ଲସ୍କର-ଇ-ତୋଏବାର ଦୁଇ ଜଣ ଆତଙ୍କବାଦୀଙ୍କ ଦ୍ୱାରା ଜଣେ ସାଧାରଣ ନାଗରିକଙ୍କୁ ହତ୍ୟା ଘଟଣାରେ ପୁଲିସ ଆଜି ୬୭ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି । ଆମ ଜମ୍ମୁ ପ୍ରତିନିଧିଙ୍କ ସୂଚନା ଅନୁସାରେ

ରାଜୌରୀ ଜିଲ୍ଲାର ଥାନ୍ନା ମଣ୍ଡି ଉପଖଣ୍ଡ ଅନ୍ତର୍ଗତ ଶାହଦାରା ଶରିଫ ଅଞ୍ଚଳର କୁଣ୍ଡା ଗ୍ରାମରେ ଦୁଇଦିନ ତଳେ ଜଣେ ଯବାନଙ୍କ ଭାଇଙ୍କୁ ହତ୍ୟା ଘଟଣାରେ ଦୁଇ ଜଣ ସନ୍ତ୍ରାସବାଦୀଙ୍କ ହାତ ଥିବା ନେଇ ପୁଲିସ ସନ୍ଦେହ କରୁଛି। ଜଣେ ଆତଙ୍କବାଦୀଙ୍କୁ ଚିହ୍ନଟ କରି ପୁଲିସ ତାର ଫଟୋ ସର୍ବସାଧାରଣରେ ପ୍ରକାଶ କରି ତାକୁ ଧରାଇବା ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି।

## କାନ୍ସ ଫେଷ୍ଟିଭାଲ

ଭାରତୀୟ ଚଳଚ୍ଚିତ୍ର ଏବଂ ଟେଲିଭିଜନ ପ୍ରତିଷ୍ଠାନର ଛାତ୍ର ଚିଦାନନ୍ଦ ନାଏକଙ୍କ ଚଳଚ୍ଚିତ୍ର ୭୭ତମ କାନ୍ସ ଫିଲ୍ମ ଫେଷ୍ଟିଭାଲର 'ଲା ସିନେଫ୍' ପ୍ରତିଯୋଗିତାମୂଳକ ବିଭାଗରେ ମନୋନୀତ ହୋଇଛି। ତାଙ୍କ ଚଳଚ୍ଚିତ୍ର **"SUNFLOWERS WERE FIRST ONES TO KNOW"** ୭୭ତମ କ୍ୟାନ୍ସ ଫିଲ୍ମ ଫେଷ୍ଟିଭାଲରେ ମନୋନୀତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଏହି ଚଳଚ୍ଚିତ୍ର ମହୋତ୍ସବ ନୂତନ ପ୍ରତିଭାଙ୍କୁ ଚିହ୍ନଟ କରି ଉତ୍ତମ ଚଳଚ୍ଚିତ୍ର ନିର୍ମାଣ କରିବା ପାଇଁ ଉତ୍ସାହିତ କରିଥାଏ।

# ସାଂଘାଇ ଆର୍ଚେରୀ ଓ୍ୱାର୍ଲଡ କପ୍

ସାଂଘାଇ ଠାରେ ଅନୁଷ୍ଠିତ ହେଉଥିବା ପ୍ରଥମ ପର୍ଯ୍ୟାୟ ବିଶ୍ୱକପ୍ ତୀରଚାଳନା ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଓ ମହିଳା କମ୍ପାଉଣ୍ଡ ଦଳ ଆଜି ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲ ମ୍ୟାଚ୍‌ରେ ଭାରତର ଅଭିଷେକ ବର୍ମା, ପ୍ରିୟାଂଶ ଓ ପ୍ରଥମେଶ ଫୁଗେଙ୍କୁ ନେଇ ଗଠିତ କମ୍ପାଉଣ୍ଡ ପୁରୁଷ ଦଳ ଦକ୍ଷିଣ କୋରିଆକୁ ୨୩୫-୨୩୩ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଜ୍ୟୋତି ସୁରେଖା ଭେନମ, ଅଦିତି ଗୋପୀଚାନ୍ଦ ଓ ପ୍ରଣୀତ କୌରଙ୍କୁ ନେଇ ଗଠିତ ମହିଳା ଦଳ ଏଷ୍ଟୋନିଆକୁ ୨୩୫-୨୩୦ରେ ପରାସ୍ତ କରି ଫାଇନାଲରେ ପହଁଞ୍ଚିଛନ୍ତି।

ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ଭାରତୀୟ ପୁରୁଷ ଦଳ ନେଦରଲାଣ୍ଡକୁ ଏବଂ ମହିଳା ଦଳ  ଇଟାଲୀକୁ ଭେଟିବ।